## ସଂକ୍ଷେପରେ



### ଇନ୍ଦ୍ରଧନୁଷ୍ କାର୍ଯ୍ୟକ୍ରମ

ଗୁଡାରୀ,୭।୧୨(ଡି.ଏନ୍.ଏ.): ଗୁଡାରୀ ସଉରାସାହି ଅଙ୍ଗନୱାଡି କେନ୍ଦ୍ରଠାରେ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଲୋକମାନେ ମିଶନ ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମର ନିୟନ୍ତ୍ରଣପତ୍ର ସହ ଉପସ୍ଥିତ ଥିଲେ । ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ ନେଇ କୁହାଯାଇଥିଲା। ପରେ ଗୋଟିଏ ଶିଶୁକୁ ଟିକାକରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଶୈଳେନ୍ଦ୍ରୀ ଶବର, ସବିତା ମିଶାଲ, ଆଶାକର୍ମୀ ଗୀତାଞ୍ଜଳି ଶବର, ରାଧାରାଣୀ ସାହୁଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

### ମ୍ୟାଲେରିଆ, ଡେଙ୍ଗୁ ନେଇ ବାହାରିଲା ସଚେତନତା ରଥ



କୋଲନରା, ୭।୧୨ (ଡି.ଏନ୍.ଏ.): ରାୟଗଡ଼ା ଜିଲା କୋଲନରା ବ୍ଲକ ଅଧୀନ ୧୭ଟି ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁଗୁଡିକରେ ଜନ ସଚେତନତା ପାଇଁ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମ୍ୟାଲେରିଆ ଓ ଡ଼େଙ୍ଗୁ ସମ୍ପର୍କରେ ଏକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ଏହି ପ୍ରଚାର କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ । ଗାଁ ଗହଳିର ଲୋକମାନେ ପରିବେଶ ସଫା ରଖିବା, ଔଷଧଯୁକ୍ତ ମଶାରି ବ୍ୟବହାର କରିବା, ରୋଗର ତୁରନ୍ତ ଚିହ୍ନଟକରଣ କରାଇବା ଆଦି ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଉଦ୍‌ଘାଟନୀ ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡକ୍ଟର ଜି. ଶୈଳଜା, ଡାକ୍ତର ମୋନାଲିସା ମହାନ୍ତି, କଳ୍ପନା ମିଶ୍ର, ଶୁଭଶ୍ରୀ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ



ଟିକିରି, ୭।୧୨ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିଠାରେ ଶୁକ୍ରବାର ଏପିଆଇ (ଆମ୍ବେଡ଼କରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ) ପକ୍ଷରୁ ଡଃ ବି.ଆର୍. ଆମ୍ବେଡକରଙ୍କ ମହାପରି ନିର୍ବାଣ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏପିଆଇର ରାଜ୍ୟ ଯୁଗ୍ମ ସମ୍ପାଦକ ରାଜୁ କୁଳଦୀପ ଅତିଥି ଭାବେ ଯୋଗଦେଇ ଡ. ଆମ୍ବେଡକର ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ। ଭାରତର ସମ୍ବିଧାନ ପ୍ରଣେତାଙ୍କ ଡ.ବିଆର. ଆମ୍ବେଡ୍‌କରଙ୍କ ଜୀବନୀ ସ୍ମୃତିଚାରଣ କରିଥିଲେ । ଏଥିରେ ବାଙ୍ଗାରୁ ମାଝି, ଜିତୁ ମାଝି, ରାଜୁ କୁଳଦୀପ, ବିଜୟ ବାଗ, ଲିଙ୍ଗରାଜ ନାୟକ, ତ୍ରିନାଥ ନାଏକ, କେଶବ ନାଏକଙ୍କ ସମେତ ଦଳର ଅନ୍ୟ କର୍ମକର୍ତ୍ତା

### ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ଚୋରି

ଆମ୍ବାଦୋଳା,୭।୧୨(ଡ଼ି.ଏନ.ଏ): ସ୍ଥାନୀୟ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଗତ ଶୁକ୍ରବାର ରାତିରେ ଚୋରି ହୋଇଛି । ଦୁର୍ବୃତ୍ତମାନେ ବ୍ୟାଙ୍କ ପଛପଟ କବାଟ ଭାଙ୍ଗି ଭିତରେ ପଶିଥିଲେ । ପରେ ୩ଟି ଆଲମିରା ଭାଙ୍ଗି ବିଭିନ୍ନ କାଗଜପତ୍ରକୁ ଫିଙ୍ଗାଫିଙ୍ଗି କରିଥିଲେ । ଦୁର୍ବୃତ୍ତମାନେ ସିସି କ୍ୟାମେରା ମେଶିନକୁ ଚୋରି କରି ନେଇଥିବା ବ୍ୟାଙ୍କ ଶାଖା ପରିଚାଳକ ହୃଦାନନ୍ଦ ମିଶ୍ର ପ୍ରକାଶ କରିଛନ୍ତି ।

### ୨ ବାଇକ୍ ଧକ୍କା, ୨ ଗୁରୁତର

ଆମ୍ବାଦୋଳା,୭।୧୨(ଡ଼ି.ଏନ.ଏ): ଆମ୍ବଦୋଳା ଥାନା ଅନ୍ତର୍ଗତ ଘମଟଗୁଡ଼ା ପଞ୍ଚାୟତର ପାଞ୍ଚାବାଲି ଘାଟିରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି । ସେମାନେ ହେଲେ ଏଏସ୍‌ଆଇ ତୁଳସୀରାମ ଜାନି ଓ ଅରକ୍ଷିତ ବିଭାର । ସେମାନଙ୍କୁ ଆମ୍ବାଦୋଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ତୁଳସୀରାମଙ୍କୁ ଭବାନୀପାଟଣାକୁ ସ୍ଥାନାନ୍ତର କରାଯାଇଛି । ତୁଳସୀରାମ ଆମ୍ବାଦୋଳା ଥାନାକୁ ଯାଉଥିବା ବେଳେ ଦୁର୍ଘଟଣାର ଶୀକାର ହୋଇଥିଲେ ।

## ଫେରିଗାଁରେ ଧର୍ମାନ୍ତରୀକରଣକୁ ନେଇ ବିବାଦ

# ବୈଠକ ପରେ ମିଳିମିଶି ରହିବା ପାଇଁ ଦେଲେ ପ୍ରତିଶ୍ରୁତି

ରାୟଗଡ଼ା ଅଫିସ,୭।୧୨

ରାୟଗଡ଼ା ବ୍ଲକ ଅନ୍ତର୍ଗତ ତାଡ଼ମା ପଞ୍ଚାୟତ ଫେରିଗାଁ ଗ୍ରାମରେ ୪ ବର୍ଷ ହେଲା ଧର୍ମାନ୍ତରୀକରଣକୁ ନେଇ ବିବାଦ ଲାଗି ରହିଛି । ଘଟଣାର ସମାଧାନ ନେଇ ଶନିବାର ଗ୍ରାମରେ ଏକ ବୈଠକ ବସିଥିଲା । ଉଭୟ ସମ୍ପ୍ରଦାୟର ଲୋକଙ୍କୁ ବୁଝାଶୁଝା କରାଯାଇଛି । ସମସ୍ତେ ମିଳିମିଶି ରହିବେ ବୋଲି ଆପୋସ ବୁଝାମଣା ହୋଇଛି । ଏହି ବୈଠକରେ ଜିଲା ଭାଜପା ସଭାପତି ବସନ୍ତ ଉଲ୍ଲାକା, ଆରଏସଏସ ପ୍ରଚାରକ ଲକ୍ଷ୍ମଣ ପଲେଇ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ଗ୍ରାମରେ ପୂର୍ବରୁ ଧର୍ମାନ୍ତରୀକରଣ ଚାଲୁ ନ ଥିଲା । ୪ ବର୍ଷ ହେଲା ଜଣେ ବ୍ୟକ୍ତି ଏପରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଗ୍ରାମରେ ବିବାଦ ଦେଖାଦେଇଛି । ସମ୍ପୃକ୍ତ ବ୍ୟକ୍ତି ପ୍ରତ୍ୟେକ ଦିନ ପ୍ରାର୍ଥନା କରିବାକୁ ଉକ୍ତ ଗ୍ରାମକୁ ଯାଇ ଲୋକଙ୍କୁ ପ୍ରବର୍ତ୍ତାଇଥାନ୍ତି। ଇତିମଧ୍ୟରେ ୮ ପରିବାରର ସଦସ୍ୟ ଧର୍ମ ପରିବର୍ତ୍ତନ କରିଛନ୍ତି। ଗ୍ରାମରେ ଏକ ଶିବ ମନ୍ଦିର ରହିଛି । ତେଣୁ ହିନ୍ଦୁ ସମ୍ପ୍ରଦାୟର ଲୋକେ ଏହାକୁ ତୀବ୍ର ବିରୋଧ କରି ଏଠାରେ ପ୍ରାର୍ଥନା କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଏହାକୁ ନେଇ ଗତ ୧ ତାରିଖରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିସହ ସମ୍ପୃକ୍ତ ବ୍ୟକ୍ତି ପ୍ରାର୍ଥନା କରୁଥିବା କୁଡ଼ିଆ ଘରକୁ ପୋଡ଼ି ଦିଆଯାଇଥିଲା । ଘରେ ଥିବା ଜିନିଷପତ୍ରକୁ ଫିଙ୍ଗି ଦିଆଯାଇଛି ବୋଲି ଉକ୍ତ ୮ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏନେଇ ଭାସ୍କର ରାଓ କାଡ୍ରାକାଙ୍କ ସ୍ତ୍ରୀ ସୁକେ କାଡ୍ରାକା ଗତ ୨ ତାରିଖରେ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ ୪୪୩/୧୯) ରୁଜୁ କରି ତଦନ୍ତ ଚଳାଇଛି।



ବୈଠକରେ ଆଲୋଚନା କରାଯାଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଏ ଲେମ୍ବୁଲୁଣ**
**ବାହାରେ ଦେଖାଏ ଚାତରପଣ ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ ବାହାରେ କିନ୍ତୁ ଚାତୁରି କାହିଁରେ କେତେ। ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହୁସ୍ଫୋଟ ମାରିଥାନ୍ତି। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରଣୀ ରୁଷା ଘୋର ବରଷା**
**ଚାକର ଅନ୍ଧାରକଣା**
**ସଞ୍ଜବୁଡ଼ ବେଳେ କୁଣିଆ ଆସିଲେ**
**ବୁଦ୍ଧି ହୋଇଯାଏ ବଣା ।**

ଘରଣୀର ରାଗ ରୋଷ ବେଳେ ଘରକୁ କୁଣିଆ ଆସିଲେ ତାଙ୍କ ଚର୍ଚ୍ଚା କରିବାରେ ଅସୁବିଧା ଦେଖାଦିଏ। ସେହିପରି ଜୋରରେ ବର୍ଷା ହେବା ତଥା ଚାକରକୁ ଅନ୍ଧାରରେ ଭଲ ନ ଦିଶିବା ସମସ୍ୟାକୁ ଆହୁରି ଜଟିଳ କରିଦିଏ। ଏପରିସ୍ଥଳେ କୁଣିଆର ଚର୍ଚ୍ଚା କରିବା ନେଇ ଗୃହସ୍ୱାମୀର ଚିନ୍ତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଗର୍ଭବତୀ ମହିଳାଙ୍କୁ ସଚେତନ କଲେ କିନ୍ନର



କାର୍ଯ୍ୟକ୍ରମରେ ଭାଗ ନେଇଥିବା କିନ୍ନର ଓ ଅନ୍ୟମାନେ ।

ରାୟଗଡ଼ା ଅଫିସ, ୭।୧୨

କିନ୍ନରମାନଙ୍କ ତରଫରୁ 'ନୂଆ ମାଆ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏପିପିଆଇ, କିସ୍ ଏବଂ ସଖାର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଜଣେ ମହିଳା ଗର୍ଭଧାରଣଠାରୁ ଆରମ୍ଭ କରି ପିଲାକୁ

**ନୂଆ ମାଆ କାର୍ଯ୍ୟକ୍ରମ**

୨ ବର୍ଷ ହେବା ପର୍ଯ୍ୟନ୍ତ ସେବା ଯୋଗାଇ ଦିଆଯାଉଛି। ଏଥିରେ ରାୟଗଡ଼ା ଏବଂ ଗୁଣୁପୁରରେ ୬୦ ଜଣ କାମ କରୁଛନ୍ତି । ୨୦ଟି ଗ୍ରାମ ପଞ୍ଚାୟତରେ ଏହା କାମ କରୁଛି । ଗର୍ଭବତୀ ମହିଳା ଆଇରନ, କ୍ୟାଲସିୟମ ଟାବ୍‌ଲେଟ କେମିତି ଖାଇବେ ଏହାର ଉପକାରିତା ଅପକାରିତା ଓ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ କିନ୍ନରମାନେ ଲୋକନୃତ୍ୟ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି । ନବଜାତ ଶିଶୁକୁ ୬ ମାସ ପର୍ଯ୍ୟନ୍ତ ମା' କ୍ଷୀର ଦେବା ଓ ନବଜାତ ଶିଶୁର ଯତ୍ନ କିପରି ନେବେ ସେ ନେଇ କିନ୍ନରମାନେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରୁଛନ୍ତି ।

### ବାଇକ୍-କାର ଧକ୍କା, ଜଣେ ମୃତ

ଗୁଣପୁର, ୭।୧୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ରେଗେଡା ପଞ୍ଚାୟତର ନରସିଂହମୁଣ୍ଡା ଗ୍ରାମ ନିକଟରେ ଶନିବାର ଅପରାହ୍ଣରେ କାର ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ରେଗେଡା ଗ୍ରାମର ଡି.ସନମୁଖା । ସନମୁଖା ବାଇକ୍‌ରେ ଘରକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ସହ ଧକ୍କା ହୋଇଥିଲା । ଫଳରେ ଡି.ସନମୁଖା ଗୁରୁତର ହୋଇଥିଲେ । ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦୁର୍ଘଟଣା ପରେ କାର ଡ୍ରାଇଭର ଗୁଣପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି ।

# ବିଜ୍ଞାନମେଳା ,ହସ୍ତକଳା ପ୍ରଦର୍ଶନୀ



ବିଜ୍ଞାନ ମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ପଦ୍ମପୁର,୭।୧୨(ଡି.ଏନ୍.ଏ.)

ପଦ୍ମପୁରସ୍ଥିତ ଆର୍‌ୟାନ୍ ଇଂରାଜୀ ମିଡିୟମ୍ ବିଦ୍ୟାଳୟରେ ବିଜ୍ଞାନମେଳା ଓ ହସ୍ତକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ହସ୍ତକଳା ପ୍ରଦର୍ଶନୀରେ ମୋଟ ୮୫ ଓ ବିଜ୍ଞାନମେଳାରେ ମୋଟ ୯୧ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅନୁଷ୍ଠାନ ଉପଦେଷ୍ଟା ସୋମନାଥ ରଣା ଏହାକୁ ଉଦ୍‌ଘାଟନ କରିଥିଲେ । ପାରଳାଖେମୁଣ୍ଡି ସେଞ୍ଚୁରିଆନ ବିଦ୍ୟାଳୟ ବିଜ୍ଞାନ ବିଭାଗ ଅଧ୍ୟାପକ ଚିତ୍ତରଞ୍ଜନ ବିଡିକା ଓ ଶିବଶଙ୍କର ଅନୁସେଠୀ ବିଜ୍ଞନ ପ୍ରକଳ୍ପଗୁଡିକୁ ଚୟନ କରିଥିଲେ। ସ୍ଥାନୀୟ ବାଳିକା ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସୁଧୀର ଶତପଥୀ, ବିଜୟାନନ୍ଦ ହାଇସ୍କୁଲର ଶିକ୍ଷୟିତ୍ରୀ ନିହାରିକା ବିଡିକା ଓ ଲିକିଟିପଦର ବିଦ୍ୟାଳୟର ଶିକ୍ଷକ, ପି. ରବି ହସ୍ତକଳା ଗୁଡିକୁ ମୂଲ୍ୟାଙ୍କନ କରିଥିଲେ । ବିଦ୍ୟାଳୟ ବାହାରେ ୪୦ ଫୁଟ୍ ଉଚ୍ଚତା ପର୍ଯ୍ୟନ୍ତ ଚନ୍ଦ୍ରାୟନ୍-୨ର ପରୀକ୍ଷଣ କରାଯାଇଥିଲା । ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମନୋଜ ପାତ୍ର, ଶିକ୍ଷା ପରିଦର୍ଶକ ପ୍ରମୋଦ ନାୟକ ଓ ଶିକ୍ଷକ ବିକ୍ରମ, ପ୍ରିୟଙ୍କା, ପ୍ରିତମ୍, ସନ୍ତୋଷ, ସୌମ୍ୟଶ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ।

## କୁକୁର କାମୁଡ଼ାରେ ଗୁରୁତର ଯୁବକଙ୍କ ମୃତ୍ୟୁ

# ବାଇକ୍‌ରେ ବୁହାଗଲା ମୃତଦେହ

ରାୟଗଡ଼(ଗଜପତି), ୭।୧୨(ଡି.ଏନ୍.ଏ.)

କୁକୁର କାମୁଡ଼ାରେ ଗୁରୁତର ବୃଦ୍ଧଙ୍କ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ସୂଚନା ପ୍ରକାରେ, ଗଜପତି ଜିଲା ରାୟଗଡ଼ ଥାନା ଅଧୀନ ହାତୀବାଡ଼ି ଗ୍ରାମର ଗୋବିନ୍ଦ ଭୂୟାଁ(୬୨)ଙ୍କୁ କିଛି ଦିନ ତଳେ କୁକୁର କାମୁଡ଼ିଥିଲା। ହେଲେ ସେ ଶନିବାର ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ଅପରାହ୍ଣରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଗୋବିନ୍ଦଙ୍କ ଘର ପ୍ରାୟ ୪ କିମି ଦୂର ହୋଇଥିବାବେଳେ ପରିବାର ଲୋକେ ମହାପ୍ରୟାଣ ଗାଡ଼ି ପାଇଁ ଯୋଗାଯୋଗ କରିଥିଲେ। ମାତ୍ର ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷରେଅଟୋରିକ୍ସା ଭଡ଼ା ଅଧିକ ଯୋଗୁ ଗୋବିନ୍ଦଙ୍କ ପରିବାର ଲୋକେ ବାଧହୋଇ ମୃତଦେହକୁ ବାଇକ୍ ଯୋଗେ ଘରକୁ ନେଇଥିବା ଜଣାପଡ଼ିଛି।



ବାଇକ୍‌ରେ ମୃତଦେହ ଘରକୁ ନିଆଯାଉଛି।

### ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଅଧ୍ୟକ୍ଷାଙ୍କ ଥାନା ପରିଦର୍ଶନ

ପାରଳାଖେମୁଣ୍ଡି, ୭।୧୨(ସ୍ୱ.ପ୍ର.)

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଶନିବାର ପାରଳାଖେମୁଣ୍ଡି ସ୍ଥିତ ଆଦର୍ଶ ଥାନା ପରିଦର୍ଶନ କରିଛନ୍ତି। ସେ ଥାନା ପରିସରରେ ଥିବା ଶିଶୁ ଓ ମହିଳା ପ୍ରକୋଷ୍ଠ ବୁଲି ଦେଖିବା ସହ ଗଜପତି ଜିଲାରେ କାର୍ଯ୍ୟ କରୁଥିବା ସି-ଟିମ୍ ମହିଳା ଓ ଶିଶୁଙ୍କ ସୁରକ୍ଷା ଓ ସହାୟତା ଦିଗରେ କେତେ ଉପଯୋଗୀ ହେଉଛି ସେ ବିଷୟରେ ଏସ୍‌ପି ସାରା ଶର୍ମାଙ୍କ ସହ ଆଲୋଚନା କରିଥିଲେ। ଶିଶୁ ସୁରକ୍ଷା ସମ୍ପର୍କରେ ମଧ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଥାନା ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ହରିହର ନାୟକ, ପାରଳାଖେମୁଣ୍ଡି ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜେଜେମା' ଜେଜେବାପା ସମ୍ମିଳନୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଗୁଣପୁର,୭।୧୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶନିବାର ଜେଜେ ମା' ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସାମାଜିକ କର୍ମୀ କୃଷ୍ଣପ୍ରସାଦ ବେବର୍ତ୍ତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ଅଭିଜ୍ଞତା ଓ ଅନୁଭୂତି ମାଧ୍ୟମରେ ପାଶ୍ଚାତ୍ୟ ଶିକ୍ଷା ଏବଂ ସଂସ୍କୃତି ସହ ନିଜ ଦେଶର ଶିକ୍ଷା, ସଂସ୍କୃତିର ଏକ ତୁଳନାତ୍ମକ ସମ୍ପର୍କରେ କହିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ଯୌଥ ପରିବାର ତଥା ଜେଜେବାପା ଜେଜେ ମାଙ୍କ ଭୂମିକା ଶିଶୁଙ୍କୁ ସଂସ୍କାରିତ କରି ଗଢି ତୋଳିବାରେ କିପରି ସହାୟକ ହୋଇଥାଏ ସେ ସମ୍ପର୍କରେ କହିଥିଲେ । ସଭାପତି ଲଳିତ ବୈଦ୍ୟ ଭୂଷଣ, ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ । ଆଚାର୍ଯ୍ୟା ସଂଯୁକ୍ତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଆଚାର୍ଯ୍ୟ କିଶୋରଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ । ଆଚାର୍ଯ୍ୟ ପରିତ୍ରାଣ ମହାପାତ୍ର ବନ୍ଦେ ମା ତରମ୍ ଗାନ କରିଥିଲେ । ଏହି ଅବସରରେ ଜେଜେ ମା,ଜେଜେବାପାମାନେ ମଧ୍ୟ ନିଜ ନିଜର ମତାମତ ରଖିଥିଲେ ।

# ମ୍ୟାଲେରିଆ ନେଇ ସଚେତନତା କାର୍ଯ୍ୟକ୍ରମ

କୋଲନରା,୭।୧୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଗତ ଶୁକ୍ରବାର ଝରଡି ଓ ଭୋଇଁମେଡା ଏସ୍‌ଏସ୍‌ଡି ହାଇସ୍କୁଲଠାରେ ବିଦ୍ୟାଳୟ ସ୍ତରୀୟ ମ୍ୟାଲେରିଆ, ଡ଼େଙ୍ଗୁ ଓ ଅନ୍ୟାନ୍ୟ ରୋଗ ନିୟନ୍ତ୍ରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଜି. ଶୈଳଜା ସଭାପତିତ୍ୱ କରିଥିଲେ। ଭିବିଡିଟିଏସ୍ ପ୍ରଦୀପ କୁମାର ସାହୁ ଛାତ୍ରୀଛାତ୍ରମାନଙ୍କୁ ମ୍ୟାଲେରିଆ, ଡେଙ୍ଗୁ ଓ ଅନ୍ୟାନ୍ୟ ରୋଗର କାରଣ ଓ ନିରାକରଣ ସମ୍ବନ୍ଧରେ ବୁଝାଇଥିଲେ। ଏହା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପିଏଚ୍‌ଇଓ ଶୁଭଶ୍ରୀ ଦାସ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଠିକ୍ ଉତ୍ତର ଦେଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।



ମ୍ୟାଲେରିଆ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଉଛି।

## ଜାତୀୟ ଶିଶୁ ଅଧିକାର, ସୁରକ୍ଷା ଆୟୋଗ ଶିବିର ପାଇଁ ପ୍ରସ୍ତୁତି

# ଶିଶୁଙ୍କ ସୁରକ୍ଷା, ଅଧିକାରକୁ ସୁନିଶ୍ଚିତ କରାଯିବ

ପାରଳାଖେମୁଣ୍ଡି,୭।୧୨(ସ୍ୱ.ପ୍ର.)

ଡିସେମ୍ବର ୨୪ ତାରିଖରେ ଅନୁଷ୍ଠିତ ହେବାକୁଥିବା ଜାତୀୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ଜନ ଶୁଣାଣୀ ଶିବିର ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜନ ଶୁଣାଣୀ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଆଲୋଚନା କରାଯାଇଥିଲା। ଶିଶୁମାନଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାର ଏବଂ ଶିଶୁ ଅଧିକାର ଉଲଂଘନ ଅଭିଯୋଗକୁ ନେଇ ହେବାକୁଥିବା ଶିବିର କିପରି ପ୍ରତ୍ୟେକ ଗ୍ରାମରେ ପହଞ୍ଚିବ, ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିପାଇଁ ଜନସଚେତନତା ସୃଷ୍ଟି କରିବା ପାଇଁ ଜିଲାପାଳ ଅନୁପମ ଶାହା ଉପସ୍ଥିତଥିବା ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ବିଇଓ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଜିଲାର ଶେଷ ଶିଶୁ ପାଖରେ ପହଞ୍ଚିବା ସହ ପ୍ରତ୍ୟେକ ଶିଶୁର ସୁରକ୍ଷା ଏବଂ ଅଧିକାରକୁ ସୁନିଶ୍ଚିତ କରିବ। ଏହି ପରିପ୍ରେକ୍ଷୀରେ ପ୍ରଚାର ପାଇଁ ପୋଷ୍ଟର, ଲିଫ୍‌ଲେଟ୍ ଏବଂ ସୂଚନାପତ୍ର ଉନ୍ମୋଚନ କରାଯିବା ସହ ଶିବିରକୁ କିପରି ଲୋକାଭିମୁଖୀ କରାଯାଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହାସହ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଜିଲା ଶିଶୁ ସୁରକ୍ଷା ସମିତିଠାରେ ୯ ତାରିଖରୁ ଏକ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ ଖୋଲାଯାଇ ଜନ ଶୁଣାଣୀ ଶିବିର ନିମନ୍ତେ ଅଭିଯୋଗ ଗ୍ରହଣ କରିବାପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲାପାଳ ଶାହାଙ୍କ ସମେତ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟ ହରିହର ନାୟକ, ଏସ୍‌ପି ସାରା ଶର୍ମା, ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, କିଶୋର ନ୍ୟାୟ ବୋର୍ଡର ଅଧ୍ୟକ୍ଷା ଶୁଭଶ୍ରୀ ପ୍ରଧାନ ଏବଂ ସିଡିଏମ୍‌ଓ ଡା. ଗୁନୁରାଣୀ ପଟ୍ଟନାୟକ ଯୋଗଦେଇଥିଲେ। ପରେ ଅଧ୍ୟକ୍ଷା ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଶିବିରର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ।





ବୈଠକରେ ଜିଲାପାଳ, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଓ ଅନ୍ୟମାନେ।

## ସଂକ୍ଷେପରେ

### ନାଳରେ ପଡି ଗୃହରକ୍ଷୀଙ୍କ ମୃତ୍ୟୁ

**ପାରଳାଖେମୁଣ୍ଡି,୭।୧୨(ସ୍ୱ.ପ୍ର.):** ପାରଳାଖେମୁଣ୍ଡି ଉପକଣ୍ଠ ଖୃଙ୍ଗାରୋଡ୍‌ସ୍ଥିତ ଏକ ନାଳରେ ପଡ଼ି ଜଣେ ଗୃହରକ୍ଷୀଙ୍କ ମୃତ୍ୟୁ ଘଟିଛି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଖବରପାଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଗୃହରକ୍ଷୀଙ୍କ ହେଲେ ଶ୍ରୀନୁ ପ୍ରଧାନ। ସେ କୌଣସି କାରଣବଶତଃ ସେ ନାଳରେ ମୁହଁମାଡ଼ି ପଡ଼ିଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ଏ ସମ୍ପର୍କରେ ପାରଳାଖେମୁଣ୍ଡି ଥାନା ନଂ-୧୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯା ତଦନ୍ତ ଜାରି ରହିଥିବା ଏଏସ୍‌ଆଇ ଭୋଳାନାଥ ପଣ୍ଡା ସୂଚନା ଦେଇଛନ୍ତି।

### ବିଚାରପତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ନବରଙ୍ଗପୁର,୭।୧୨(ବି.ପ୍ର):** ଜିଲା ଆଇନଜୀବୀ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଅଦାଲତ ପରିସର ସଂଘ ସମ୍ମିଳନୀ ଗୃହରେ ନବରଙ୍ଗପୁରର ପ୍ରାକ୍ତନ ଏସ୍‌ଡିଜେଏମ୍ ବିଧାନ କୁମାର ଚାନ୍ଦଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀ ଅଧକ୍ଷତା କରିଥିଲେ।ଜିଲା ଓ ଦୌରାଜଜ ଅଶୋକ କୁମାର ପଣ୍ଡା, ରେଜିଷ୍ଟ୍ରାର ମନୋରଞ୍ଜନ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଏସ. ଶୁଭଲକ୍ଷ୍ମୀ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ରାଜ କୁମାର ଦାଶ, ପ୍ରଥମ ଶ୍ରେଣୀ ବଚାରପତି ବନଜା ମହାନ୍ତି ଯୋଗ ଦେଇ ସ୍ୱର୍ଗତ ବିଧାନଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ଦକ୍ଷ, ନିଷ୍ଠାବାନ ବିଚାରପତି ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ । ଜଣେ ନୀତିନିଷ୍ଠ ବିଚାରପତି ଭାବେ ନ୍ୟାୟ ପ୍ରଦାନ କରିବାରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା। ଆଇନଜୀବୀ ଅରବିନ୍ଦ ପ୍ରସାଦ ପଟ୍ଟନାୟକ, ସି.ଏଚ. ବାବା ଯୁଗନ୍ଧର, ସମରେଶ ଗନ୍ତାୟତ, ମାନସ ତ୍ରିପାଠୀ, ସନ୍ତୋଷ ମିଶ୍ର ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାକୁ ସମ୍ପାଦକ ରାମ ପ୍ରସାଦ ପାତ୍ର ପରିଚାଳନା କରିଥିଲେ। ହୃଦରୋଗରେ ଶୁକ୍ରବାର ବିଧାନଙ୍କ ବିୟୋଗ ଘଟିଥିଲା।

# ବିକାଶଠାରୁ ଦୂରରେ ବଣିପଦର ଗାଁ

**ଉମରକୋଟ, ୭।୧୨(ଡି.ଏନ.ଏ)**

- ନଦୀ ପାଇଁ ୩୦ କି.ମି ଅଧିକ ବାଟ ଯିବାକୁ ପଡୁଛି
- ନଦୀରେ ପୋଲ ନିର୍ମାଣ ପାଇଁ ଦାବି

ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବର୍ତ୍ତମାନ ଏଧ ବହୁ ଗାଁ ବିକାଶ ଠାରୁ ବହୁତ ଦୂରରେ ରହିଛି । ଏପରି ଏକ ଗାଁ ହେଉଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅନ୍ତର୍ଗତ ତହରା ପଞ୍ଚାୟତର ବଣିପଦର । ଏହି ଗାଁକୁ ଲାଗି ଗୋଟିଏ ନଦୀ ଯାଇଛି। ଏହି ନଦୀ ଯୋଗୁ ଏହି ଗ୍ରାମର ଲୋକମାନେ ବିଶେଷକରି ରୋଗୀ, ଗର୍ଭବତୀଙ୍କୁ ଡାକ୍ତରଖାନା ଆଣିବା ପାଇଁ ଅଧିକ ୩୦ କ.ମି ଯିବାକୁ ପଡିଥାଏ। କୁର୍ଷି, ତହରା ଓ ବୁର୍ଜା ଗାଁ ଦେଇ ବୁଲି ବୁଲି ୩୦କିମି ଅତିକ୍ରମ କରି ଉମରକୋଟ ହସ୍ପିଟାଲକୁ ଆସିଥାନ୍ତି। ସେହିପରି ନିଆଁ ଲାଗିଲେ ମଧ ଦମକଳ ଗାଡି ବୁଲି ବୁଲି ପହଞ୍ଚିଲା ବେଳକୁ ଘରଗୁଡିକ ନିଆଁରେ ପୋଡି ପାଉଁଶରେ ପରିଣତ ହୋଇଯାଉଛି। ଏହି ନଦୀ ପାଖାପାଖି ୬୦ଖଣ୍ଡ ଗାଁ ରହିଛି। ଗ୍ରାମବାସୀ ବୁଲି ବୁଲି ଯିବା ଫଳରେ ବହୁ ହଇରାଣର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଓ ନେତାମାନଙ୍କୁ ଗ୍ରାମବାସୀ ଏହି ନଦୀ ଉପରେ ପୋଲ ନିର୍ମାଣ ପାଇଁ ବହୁ ବାର ଗୁହାରି କରିଥିଲେ ମଧ କେହି କର୍ଣ୍ଣପାତ କରୁ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯଦି ଏହି ନଦୀ ଉପରେ ପୋଲ ନିର୍ମାଣ କରାଯାଏ ତାହାହେଲେ ଲୋକମାନେ ଏହି ପୋଲ ଦେଇ ସିମନାଗୁଡା ଦେଇ ବେହେଡା ଆସିପାରନ୍ତେ । ବେହେଡା ଦେଇ ଉମରକୋଟ ଯିବା ନିମନ୍ତେ ମାତ୍ର ୧୮କିମି ରାସ୍ତା ପଡିବ। ଏଥିସହ ମାତ୍ର ୪୦ମିନିଟ ସମୟ ଲାଗିବ। ଜରୁରୀ ସମୟରେ ଶୀଘ୍ର ସହରକୁ ପହଞ୍ଚିପାରନ୍ତେ । କିନ୍ତୁ ବର୍ତ୍ତମାନ ଏହି ଗାଁ ଲୋକଙ୍କୁ ବୁଲିବୁଲି ଗଲାବେଳକୁ ପ୍ରାୟ ଦେଢଘଣ୍ଟା ସମୟ ଲାଗୁଛି ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି । ତେଣୁ ଗର୍ଭବତୀ କିମ୍ବା ରୋଗୀଙ୍କ ପାଇଁ ବର୍ତ୍ତମାନ ବହୁ ଅସୁବିଧା ସୃଷ୍ଟି ହେଉଛି। ଅପରପକ୍ଷେ ସିମନାଗୁଡାଠାରୁ ବଣିପଦର ରାସ୍ତା ଅବସ୍ଥା ମଧ ଶୋଚନୀୟ ହୋଇପଡିଛି । ଏହି ରାସ୍ତା ଅଣଓସାରିଆ ସହ ମୋରମ ମାଟି ରାସ୍ତା ଅଛି । ତୁରନ୍ତ ସିମନାଗୁଡାଠାରୁ ବଣିପଦର ମଧରେ ଏକ ପକ୍କା ରାସ୍ତାର ଆବଶ୍ୟକତା ରହିଛି। ତୁରନ୍ତ ବଣିପଦର ଗାଁଠାରେ ଥିବା ପୋଲ ନିର୍ମାଣ ନକଲେ ଏକ ବଡଧରଣର ଆନ୍ଦୋଳନକୁ ଆଗାମୀ ଦିନରେ ଏଡାଯାଇ ନପାରେ ।


ବୈଠକରେ ଉପସ୍ଥିତ ପୋଡାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟମାନେ।

## ପୋଡାଗଡ ବିକାଶ ନ ହେଲେ ଆନ୍ଦୋଳନ ଚେତାବନୀ

**ଧୋଡ୍ରା, ୭।୧୨ (ଡି.ଏନ.ଏ)**

ଉମରକୋଟ ପୋଡାଗଡ ଏକ ଐତିହାସିକ ପୀଠ । ଏଠାରେ ପଞ୍ଚମ ଶତାବ୍ଦୀର ଇତିହାସ ଲୁଚି ରହିଛି। ଏହାକୁ ସରକାର ଅଣଦେଖା କରୁଛନ୍ତି। ଅବହେଳିତ ପୋଡାଗଡ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ସରକାର ଚେଷ୍ଟା ନକଲେ ଆନ୍ଦୋଳନ କରାଯିବ। ପୋଡାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଟ୍ରଷ୍ଟର ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାୟୀ ସଭାପତି ଉଦ୍ଧବ ଚରଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୋଡାଗଡକୁ ରାଷ୍ଟ୍ରୀୟ ଗବେଷକ ଆସିଥିବା ବିଷୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୋଡାଗଡ ପରିଦର୍ଶନରେ ପ୍ରଧାନମନ୍ତ୍ରୀ ଆସିବା ପାଇଁ ନିବେଦନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଠାରେ ଥିବା ପ୍ରାଚୀନ ମୂର୍ତ୍ତିଗୁଡିକର ସଂରକ୍ଷଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ ପତ୍ର ପଠାଇବାକୁ ଟ୍ରଷ୍ଟ ନିଷ୍ପତ୍ତି ନେଇଛି। ପର୍ଯ୍ୟଟକଙ୍କ ଠାରୁ ଗାଡି ପାର୍କିଂ ଟଙ୍କା ଓ ଭୋଗ ମହାସୁଲ ଆଦାୟ ନିଷ୍ପତ୍ତି ନିଆଯାଇଥିଲା। ମନ୍ଦିର ଓ ଭୋଜି ସ୍ଥାନକୁ ସଫେଇ ସହ ସୁରକ୍ଷା ନିମନ୍ତେ ଯୁବକମାନଙ୍କୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଏସଆଇର ଖନନ କାର୍ଯ୍ୟ ଅଦ୍ୟାବଧି ହୋଇ ପାରି ନାହିଁ। ଏହାର ବିକାଶ ପ୍ରତି କେନ୍ଦ୍ର ଆର୍କଲୋଜି, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଚେଷ୍ଟା ନଲେ ଆନ୍ଦୋଳନ କରିବୁ ବୋଲି ବୁଦ୍ଧୀଜବୀମାନେ ସଂକଳ୍ପ ନେଇଥିଲେ। ପୋଡାଗଡ ପ୍ରତି ପ୍ରଶାସନ ଓ ସରକାର ଦୃଷ୍ଟି ଦେବା ନିମନ୍ତେ ଟ୍ରଷ୍ଟ ସେବାୟତ ଦାବି କରିଛନ୍ତି।

■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଆନ୍ତଃ ମହାବିଦ୍ୟାଳୟ ଦୌଡ଼କୁଦ ପ୍ରତିଯୋଗିତା

## ନବରଙ୍ଗପୁର ମହିଳା ମହାବିଦ୍ୟାଳୟ ଚାମ୍ପିୟନ

**ନବରଙ୍ଗପୁର, ୭।୧୨(ବି.ପ୍ର.)**



କ୍ରୀଡ଼ା ପ୍ରଶିକ୍ଷକଙ୍କ ସହ ଖେଳାଳିମାନେ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ୫୨ତମ ଆନ୍ତଃ ମହାବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତାରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟ କ୍ରମାଗତ ଭାବରେ ୭ ଥର ପାଇଁ ଚାମ୍ପିୟନ ଆଖ୍ୟା ହାସଲ କରି ଓଡ଼ିଶାରେ ରେକର୍ଡ ସୃଷ୍ଟି କରିଛି । ଏହି ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରୀ ସୁଭଦ୍ରା ଭତ୍ରା, ଅନିଫା ହିଆଲ୍, କନକ ଭତ୍ରା, ମୋହିନୀ ବେହେରା, ରଞ୍ଜିତା ନାୟକ, ନନ୍ଦିତା ହିଆଲ ଓ ବୋବି ନାଗ୍ ଉଲ୍ଲେଖନୀୟ ଖେଳ ପ୍ରଦର୍ଶନ କରି ସର୍ବାଧିକ ୪୨ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ଝାଡେଶ୍ୱର ଖାଡ଼ଙ୍ଗା, ଉମାଶଙ୍କର ତ୍ରିପାଠୀ, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଗୋପାଳ ବେବର୍ତ୍ତା, ନବରଙ୍ଗପୁର ଘରୋଇ ବସ ମାଲିକ ସଂଘର ସଭାପତି ପ୍ରକାଶ ତ୍ରିପାଠୀ, ମିଲ୍ ମାଲିକ ସଂଘର ସଭାପତି ତାପସ ତ୍ରିପାଠୀ, ଡିଗ୍ରୀ ମହିଳା ମହାବିଦ୍ୟାଳୟ ଅଧକ୍ଷା ମାଳେଶ୍ୱରୀ ସାହୁ ଖେଳାଳୀ ଓ କ୍ରୀଡ଼ା ପ୍ରଶିକ୍ଷକ ଶିବ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜୟଦେବ ରାଉତଙ୍କୁ ସ୍ୱାଗତ କରାଯାଉଛି।

■ ରକ୍ତଦାନ ସଚେତନତା

## ସାଇକେଲରେ ଭାରତ ଭ୍ରମଣରେ ଓଡ଼ିଆ ଯୁବକ

**ନବରଙ୍ଗପୁର, ୭।୧୨(ବି.ପ୍ର.)**

ରକ୍ତଦାନ ମହତ ଦାନ। ଏହି ବାର୍ତ୍ତା ସଚେତନତା କରାଇବା ପାଇଁ ସାଇକେଲରେ ଭାରତ ଭ୍ରମଣରେ ବାହାରିଛନ୍ତି ଓଡିଆ ଯୁବକ ଜୟଦେବ ରାଉତ । ସେ ଫେଡେରସନ ଅଫ ବ୍ଲଡ ଡୋର୍ନସ ଅର୍ଗାନାଇଜେସନ୍ସ ଅଫ ଇଣ୍ଡିଆର ବ୍ରାଣ୍ଡ ଆମ୍ବାସଡର ରହିଛନ୍ତି। ସେ କୋଲକତାରେ ରହୁଥିବାବେଳେ ତାଙ୍କର ନିଜ ଘର ଭଦ୍ରକ ଜିଲା ଧାମନଗରରେ । ରକ୍ତଦାନ ନେଇ ସେ ସଚେତନତା ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇବା ନିଶାରେ ଚାକିରିରୁ ଛୁଟି ନେଇ ନଭେମ୍ବର ୭ ତାରିଖରୁ ବାହାରି ଶୁକ୍ରବାର ନବରଙ୍ଗପୁରରେ ପହଞ୍ଚିଛନ୍ତି । ସେ ତାଙ୍କର ସାଇକେଲ ଯାତ୍ରା କାଳରେ ବିଭିନ୍ନ ଯୁବକ ସଂଘ ଓ କଲେଜକୁ ଯାଇ ଯୁବକମାନଙ୍କୁ ସଚେତନ କରାଉଥିବା ଜଣାପଡିଛି। ସେ ପଶ୍ଚିମବଙ୍ଗ, ଓଡିଶା, ଛତିଶଗଡ, ଆନ୍ଧ୍ରପଦେଶ, ତାମିଲନାଡୁର କନ୍ୟାକୁମାରୀ ପର୍ଯ୍ୟନ୍ତ ସାଇକେଲ ଯାତ୍ରା କରିବେ ବୋଲି ପ୍ରକାଶ କରିଛନ୍ତି । ସେ ନବରଙ୍ଗପୁର ପହଞ୍ଚିବା ପରେ ଜିଲା ରେଡକ୍ରସର ସଂଯୋଜକ ଅଧାପକ ଅଖିଳ ଭଞ୍ଜ ତାଙ୍କୁ ସ୍ୱାଗତ କରିଥିଲେ । ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ନିମାଇଁ ଚରଣ ସୂତାର, ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ସହ ଭେଟିଥିଲେ । ଶନିବାର ସେ ସ୍ଥାନୀୟ ବିଭିନ୍ନ ମହାବିଦ୍ୟାଳୟରେ ସାମିଲ ହୋଇ ରକ୍ତଦାନ ସମ୍ପର୍କରେ ଅବଗତ କରାଇଥିଲେ । ପରେ ସେ କୋରାପୁଟ ଜିଲା ଅଭିମୁଖେ ଗସ୍ତ କରିଥିଲେ ।

## ଜିଏସଟି ଫାଙ୍କି କୋରିୟର ସାମଗ୍ରୀ ପରିବହନ, ଗାଡି ଅଟକ

**ନବରଙ୍ଗପୁର, ୭।୧୨ (ବି.ପ୍ର)**

ଜିଏସଟି ଫାଙ୍କି ଏକ କୋରିୟର ସଂସ୍ଥା ବିଭିନ୍ନ ସାମଗ୍ରୀ ଗାଡିରେ ପରିବହନ କରୁଥିବା ବେଳେ ଭବାନୀପାଟଣା ବାଣିଜ୍ୟକର ଏନଫୋର୍ସମେଣ୍ଟ ଟିମ ଚଢାଉ କରି ଗାଡିକୁ ଅଟକ ରଖିଛି। ଜୟପୁରରୁ ଉମରକୋଟ ଅଭିମୁଖେ ଯାଉଥିବା ଏକ କୋରିୟର ଗାଡିକୁ କଳାହାଣ୍ଡି ଜିଲା ଭବାନୀପାଟଣାର ବାଣିଜ୍ୟକର ଏନଫୋର୍ସମେଣ୍ଟ ଟିମ ଏସଟିଓ ନିହାର ସେଠ ସମେତ ଏକ ଦଳ ନବରଙ୍ଗପୁର ଆରଟିଓ ଅଫିସ ଛକ ନିକଟରେ ଅଟକାଇଥିଲେ। ଡେସପାଚ ପର୍ଯ୍ୟନ୍ତ ୱେ ବିଲନଥିବା ଓ ଜିଏସଟି ଫାଙ୍କି ବିଭିନ୍ନ ସାମଗ୍ରୀ ପରିବହନ କରି ନେଉଥିବା ଅଭିଯୋଗରେ ଗାଡିକୁ ଅଟକ ରଖାଯାଇଛି। ଟାୟାର ସମେତ ବିଭିନ୍ନ ସାମଗ୍ରୀ ଗାଡିରେ ବୋଝେଇ ହୋଇଛି । ଏନେଇ ଏସିଟିଓ ନିହାରଙ୍କୁ ପଚାରିବାରୁ କେତେଟଙ୍କା ଜିଏସଟି ଫାଙ୍କିଛନ୍ତି ତାହାର ଆକଳନ ଚାଲିଛି ବୋଲି କହିଛନ୍ତି।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

■ ଆନ୍ଦୋଳନ ନାଁରେ ରାସ୍ତା ଅବରୋଧ ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ

# ୧୬୪ ଜଣଙ୍କ ନାଁରେ ମାମଲା ରୁଜୁ

■ଜୟପୁର ସଦରଥାନାରେ ୧୫ ଜଣଙ୍କ ନାଁରେ ମାମଲା

■ସୁନାବେଡ଼ା ଥାନାରେ ୯୪ ଓ ଦାମନଯୋଡ଼ି ଥାନାରେ ୫୫ ଜଣଙ୍କ ନାଁରେ ମାମଲା

ଜୟପୁର,୭।୧୨(ନି.ପ୍ର./ଡି.ଏନ୍.ଏ.)

ବିଭିନ୍ନ ଘଟଣାରେ କଥା କଥାକେ ଆନ୍ଦୋଳନ ନାଁରେ ଯେଉଁମାନେ ରାସ୍ତା ଅବରୋଧ କରି ଯାତାୟତ ବ୍ୟାହତ କରୁଛନ୍ତି, ଯାତ୍ରୀଙ୍କୁ ହଇରାଣ କରୁଛନ୍ତି, ସେମାନଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ପୋଲିସ। କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ହୋଇଥିବା ଅବରୋଧ ଘଟଣାରେ ପୋଲିସ ୩ଟି ଥାନାରେ ମୋଟ ୧୬୪ ଜଣ ଅବରୋଧକାରୀଙ୍କ ନାଁରେ ମାମଲା ରୁଜୁ କରିଛି । ଏଥିରୁ ଜୟପୁର ସଦର ପୋଲିସ ୧୫, ସୁନାବେଡ଼ା ପୋଲିସ ୯୪ ଓ ଦାମନଯୋଡ଼ି ପୋଲିସ ୫୫ ଜଣଙ୍କ ନାଁରେ ମାମଲା କରିଥିବା ଜଣାପଡ଼ିଛି। ଜାତୀୟ ରାଜପଥ ଅବରୋଧ ଏକ ଅପରାଧ। ଅବରୋଧକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବରୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇସାରିଛନ୍ତି।

ଗତ ଶୁକ୍ରବାର ଜିଲାର ୩ଟି ସ୍ଥାନରେ ରାସ୍ତା ଅବରୋଧ ହୋଇଥିଲା। ଜୟପୁର ସଦରଥାନା ରଣ୍ଡାପାଲୀରେ ବସ୍ ଦୁର୍ଘଟଣାରେ ମୃତ ମହିଳାଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ୩ ଘଣ୍ଟା ରାସ୍ତାରୋକୋ ହୋଇଥିଲା। ସେହି ଘଟଣାରେ ଦଫା ୧୪୩/୩୪୧/୨୮୩/୧୪୯ ଆଇପିସି ଅନୁଯାୟୀ କେସ୍ ନଂ ୨୨୬/୧୯ରେ ମାମଲା ରୁଜୁ କରାଯାଇଛି। ଅବରୋଧକାରୀଙ୍କ ଭିତରେ ସାନକାଉଡ଼ି ଗ୍ରାମର ସାନ ହାଲବା, ସଦା ହାଲବା, ବୃନ୍ଦାବନ ପେଣ୍ଡିଆ, ହରିବନ୍ଧୁ ହାଲବା, ସୁବାସ ହାଲବା, ପପୁ ହାଲବା, ସୁମନ ହାଲବା, ମଣ୍ଟୁ ପଟ୍ଟନାୟକ, ଲକ୍ଷ୍ମଣ ହାଲବା, ଖଗେଶ୍ୱର ହାଲବା, କେରାପୁଟ ଗ୍ରାମର ନରସିଂହ ପେଣ୍ଡିଆ, ଅର୍ଜୁନ ପେଣ୍ଡିଆ, ରଣ୍ଡାପାଲୀର ବାଲାଜୀ ମୁଦୁଲି, ଶିଶୁ ଦାଶ ଓ ଏହାର ନେତୃତ୍ୱ ନେଇଥିବା ସିପିଆଇ ଜିଲା ସଂପାଦକ ଯୁଧିଷ୍ଠିର ରାଉଳ ଥିବାବେଳେ ସେମାନଙ୍କ ନାମରେ ମାମଲା କରାଯାଇଛି। ସେହିପରି ସୁନାବେଡ଼ା ଥାନାର ଟି. ବୋରିଗୁମ୍ମାରେ ସଡ଼କ ଦୁର୍ଘଟଣା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ଦାବିନେଇ ଆନ୍ଦୋଳନକାରୀ ଥାନା ସମ୍ମୁଖସ୍ଥ ଏନ୍ଏଚ୍ ଅବରୋଧ କରିଥିଲେ। ସେହି ଘଟଣାରେ ଦଫା ୧୪୩/୩୪୧/୪୪୮/୧୮୬/୩୫୩/୨୮୩/୫୦୬/୧୪୯ ଆଇପିସି ଅନୁସାରେ ୩୪ ଜଣଙ୍କ ନାମରେ ମାମଲା କେସ୍ ନଂ ୧୯୧/୧୯ରେ ମାମଲା ରୁଜୁ କରାଯାଇଛି। ୫୦ରୁ ୬୦ ଜଣ ସମ୍ପୃକ୍ତ ଥିବା ନେଇ ମଧ୍ୟ ମାମଲାରେ ପଞ୍ଜିକୃତ ରହିଛି। ସେହିପରି ଦାମନଯୋଡ଼ି ଥାନା ପୁଟ୍ରାଘାଟି ଗ୍ରାମର ନାଲ୍କୋରେ ଜମି ହରାଇଥିବା ଗ୍ରାମବାସୀ ଚାକିରି ଦାବିକରି ରାସ୍ତାରୋକୋ କରିଥିଲେ। ସେଥିରେ ଦଫା ୧୪୩/୩୪୧/୨୮୩/୧୪୯ ଆଇପିସି ଅନୁଯାୟୀ ୨୫ ଜଣଙ୍କ ନାଁରେ କେସ୍ ନଂ ୧୧୦/୧୯ରେ ମାମଲା କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଗଞ୍ଜେଇ ଜବତ, ୩ ଗିରଫ



ବୋରିଗୁମ୍ମା,୭।୧୨(ଡି.ଏନ୍.ଏ.)

ବୋରିଗୁମ୍ମା ପୋଲିସ ଚାଲାଣ ବେଳେ ୪୫ କେଜି ଗଞ୍ଜେଇ ଓ କାର୍ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ମୋଟର ଯାନ ଯାଞ୍ଚ ସମୟରେ ହରିୟାଣାର ନମ୍ବର ଥିବା ହ୍ୟୁଣ୍ଡାଇ କାର (ଏଚ୍ଆର୍୨୬ ଏଏଫ୍ ୦୭୮୩)କୁ ଅଟକାଇ ଯାଞ୍ଚ କରିବା ପରେ ଗଞ୍ଜେଇ ମିଳିଥିଲା। ଏଥିରେ ସମ୍ପୃକ୍ତ ଥିବା କାର ଚାଳକ ସମେତ ତିନି ଜଣକୁ ଗିରଫ କରିଥିଲା ପୋଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ବିଷ୍ଣୁଦତ୍ତ ଶୁକ୍ଳା (୩୦), ବିହାରର ଶୈଳେନ୍ଦ୍ର କୁମାର ସିଂ (୩୭) ଓ ଶ୍ରବଣ କୁମାର ପାଣ୍ଡେ (୫୦)। ପୋଲିସ କେସ୍ ନଂ ୧୭୬/୧୯ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଶିଶୁ ବିକାଶ ପ୍ରକଳ୍ପର ତାଲିମ ଶିବିର



ଦଶମନ୍ତପୁର,୭।୧୨(ଡି.ଏନ୍.ଏ.): ଦଶମନ୍ତପୁରସ୍ଥିତ ସାଇରାମ କଲ୍ୟାଣ ମଣ୍ଡପରେ ଶନିବାର ମିସ୍ତ୍ରିଙ୍କୁ ନେଇ ଏକ ୬ ଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି। କୋରାପୁଟ ଶିଶୁ ବିକାଶ ପ୍ରକଳ୍ପ ସଂଯୋଜକ ଅଜିତ ମନବୋଧଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ତହସିଲଦାର ଅଜୟ ପ୍ରକାଶ ତିର୍କି ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ଗିର୍ଲିଗୁମ୍ମା, ତୁମ୍ଭାଗୁଡ଼ା, ପରଜା ବେଡ଼ାପଦର ଓ ଚଣ୍ଡାବାଡ଼ ପଞ୍ଚାୟତର ପ୍ରାୟ ୨୫ ଜଣ ଯୁବକ ତାଲିମ ନେଇଥିଲେ। ତାଲିମଦାତା ଭାବେ ସିଦ୍ଧାର୍ଥ ଜୟେଲ ଏବଂ ସୁଶାନ୍ତ ପାଣିଗ୍ରାହୀ ଯୋଗ ଦେଇଥିଲେ। ତାଲିମ ନେଇଥିବା ୨୫ ଜଣଙ୍କୁ ପ୍ରମାଣପତ୍ର ସହ ମିସ୍ତ୍ରି ବ୍ୟବହାର କରୁଥିବା ସାମଗ୍ରୀ ଦିଆଯାଇଥିଲା। ଶିଶୁ ବିକାଶ ପ୍ରକଳ୍ପର ସବିର ତୁରୁକ ଶିବିର ପରିଚାଳନା ଏବଂ ପ୍ରେମ୍‌ଜୀ ବାଘ, ଡମ୍ବନ ରାଉଳ ଏଥିରେ ସହଯୋଗ କରିଥିଲେ।

### ପରିନିର୍ବାଣ ଦିବସ ପାଳିତ



ସେମିଳିଗୁଡ଼ା,୭।୧୨(ସ୍ୱ.ପ୍ର.): ଆମ୍ବେଦକର ଲୋହିଆ ବିଚାର ମଞ୍ଚର ଅବିଭକ୍ତ କୋରାପୁଟ ଜିଲା ଶାଖା ଆନୁକୂଲ୍ୟରେ ସଭାପତି ପ୍ରଭାକର ହନ୍ତାଲଙ୍କ ନେତୃତ୍ୱରେ ସୁନାବେଡ଼ା ସହରରେ ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ୬୪ତମ ପରିନିର୍ବାଣ ଦିବସ ପାଳିତ ହୋଇଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର ନୂତନ କୁଳପତି ପ୍ରଫେସର ଡ. ଆଇ. ପରମବ୍ରହ୍ମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ଓ ସମାଜ ପାଇଁ ଆମ୍ବେଡକରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ପୂର୍ବରୁ ସୁନାବେଡ଼ା ପୌରପରିଷଦ କାର୍ଯ୍ୟାଳୟ ପାର୍ଶ୍ୱରୁ ଏକ ରାଲି ବାହାରି ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ପରେ ମାଲ୍ୟାର୍ପଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଡ. ଶ୍ରୀଧର ଗାଣ୍ଡା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡ. ଏସ୍.କେ. ପାଲିତା, ରେଜିଷ୍ଟ୍ରାର ଡ. ଅସିତ ଦାସ, ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ, ଡମ ସମାଜ ବିକାଶ ପରିଷଦର ସଭାପତି ରାଜେନ୍ଦ୍ର ଧଡ଼କା ଆମ୍ବେଡକରଙ୍କ ସ୍ମୃତିଚାରଣ କରିଥିଲେ। ଯୁବ ସାମାଜିକ କର୍ମୀ ବିପୁଲ ଟାକ୍ରି ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଦେଇଥିଲେ।

### ଆଇଟି ଲ୍ୟାବ୍, ସ୍ମାର୍ଟ କ୍ଲାସ ଉଦ୍‌ଘାଟିତ




ଜୟପୁର,୭।୧୨(ନି.ପ୍ର./ଡି.ଏନ୍.ଏ.): ଜୟପୁର ବ୍ଲକ ରଣ୍ଡାପାଲିସ୍ଥିତ ସରକାରୀ ପଲିଟେକନିକ ପ୍ରତିଷ୍ଠାନ ଭବନରେ ନୂତନ ଭାବେ ଆଇଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ୍‌ରୁମ୍ ଶନିବାର ଉଦ୍‌ଘାଟିତ ହୋଇଛି । ମୁଖ୍ୟ ଅତିଥି ଭାବେ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଆଧୁନିକ ବୈଷୟିକ ଶ୍ରେଣୀକକ୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ଉପଯୋଗୀ ହୋଇପାରିବ ବୋଲି କହିଥିଲେ। ଜିଲାର ଏକମାତ୍ର ସରକାରୀ ପଲିଟେକନିକରେ ସମସ୍ତ ବ୍ଲକର ଛାତ୍ରୀଛାତ୍ର ଅଧ୍ୟୟନ କରିବା ସହିତ ଜିଲା ଓ ରାଜ୍ୟ ପାଇଁ ସୁନାମ ଅର୍ଜନ କରିବାକୁ ପରାମର୍ଶ ଦେଇଥିଲେ । ପଲିଟେକନିକ ପ୍ରତିଷ୍ଠାନର ଅଧକ୍ଷ ଅସିତ ଆଚାର୍ଯ୍ୟଏହି ଲ୍ୟାବ୍ ଓ କ୍ଲାସରୁମ୍‌ର କାର୍ଯ୍ୟକାରିତା ବୁଝାଇଥିଲେ। ଅନ୍ୟମାନଙ୍କ ମଧରେ ଅଧାପିକା ମଧୁସ୍ମିତା ଦେହୁରୀ, ସତ୍ୟ ତ୍ରିପାଠୀ ଉପସ୍ଥିତ ଥିଲେ।

## ଧରାପଡ଼ିଲେ ୨ ଜାଲ ସାର୍ଟିଫିକେଟଧାରୀ ଶିକ୍ଷକ

କୁନ୍ଦୁରା,୭।୧୨(ଡି.ଏନ୍.ଏ.)

କୋରାପୁଟ ଜିଲା ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଜିଲା ଶିକ୍ଷା ବିଭାଗ ଦ୍ୱାରା କରାଯାଇଛି। ଏହି କ୍ରମରେ କୁନ୍ଦୁରା ବ୍ଲକର ଦୁଇଜଣ ଶିକ୍ଷକ ଧରାପଡିଥିବା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି । ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାଲ ସାର୍ଟିଫିକେଟ ମାଧ୍ୟମରେ କାର୍ଯ୍ୟ କରୁଥିବା ନେଇ ଜିଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଯାଞ୍ଚ କରାଯିବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ୨୦୧୧ ପରେ କାର୍ଯ୍ୟରତ ଥିବବା ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇଥିଲା। ୨୨ ଜୁନ୍ ୧୯୭୩ରେ ଜନ୍ମିତ ଜି. ରମେଶ ଏପ୍ରିଲ ୨୦୧୧ରୁ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇ ଦିଗାପୁର ପଞ୍ଚାୟତ ନୂଆ ଘଷଡ଼ା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରି ଆସୁଥିଲେ। ସେ ଅଗଷ୍ଟ ୨୦୧୮ରେ ନିୟମିତ ହେବା ସହ ବର୍ତ୍ତମାନ ୨୭,୪୦୦ ଟଙ୍କା ଦରମା ପାଉଥିବା ଶିକ୍ଷା ବିଭାଗ ସୂଚନା ଦେଇଛି । ସେହିପରି ୧୬ ଏପ୍ରିଲ ୧୯୮୪ରେ ଜନ୍ମିତ ପାରୁପାଡି ଲକ୍ଷ୍ମୀ ନାରାୟଣ ୨୫ ଏପ୍ରିଲ ୨୦୧୮ରେ ଦିଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିଲେ। ଜିଲା ଶିକ୍ଷା ବିଭାଗର ଯାଞ୍ଚ ପରେ ଶନିବାର ଏହି ଦୁଇ ଜଣ ଜାଲ ସାର୍ଟିଫିକେଟ ଦାଖଲ କରି ଦୀର୍ଘଦିନ ହେବ ଶିକ୍ଷକତା କରୁଥିବା ଜଣାପଡ଼ିଥିଲା। ଏମାନଙ୍କ ବିରୋଧରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତିଳୋତ୍ତମା ଗରଡା ଓ ସିଆରସିସି ବିନାୟକ ପଣ୍ଡା ବୈପାରୀଗୁଡ଼ା ଥାନାକୁ ଏତଲା ଦେବେ ବୋଲି ଜଣାପଡ଼ିଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ଦଶମନ୍ତପୁର,୭।୧୨(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକସ୍ଥିତ ସାଇକ୍ରିଷ୍ଣା କଲୋନୀ ସମ୍ମୁଖରେ ଏକ ବାଇକ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ଚିକ୍ରାମ୍ବ ପଞ୍ଚାୟତର ମହାନ୍ତି ବାଘ (୨୨) ବାଇକ (ଓଡି୧୦ ଏଲ ୦୩୯୩)ରେ ନିଜ ଗାଁକୁ ଯାଉଥିବା ବେଳେ ବିପରୀତ ଦିଗରୁ କାଶୀପୁର ବ୍ଲକସ୍ଥିତ ଡୋଙ୍ଗାସିଲ ପଞ୍ଚାୟତର ଝୋଡ଼ିପଦର ଗ୍ରାମର ସିଡି ଡିଲକ୍ସ (ଓଡି୧୦ ଇ ୭୩୬୧) ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମହାନ୍ତି ବାଘ ଗୁରୁତର ହୋଇଛନ୍ତି। ସାମାଜିକ କର୍ମୀ ଅରୁଣ ଡାକୁଆ ସଙ୍ଗେସଙ୍ଗେ ନିଜ ଅଟୋରେ ସ୍ଥାନୀୟ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

## ଚାଷୀଙ୍କ ସଚେତନତା ପାଇଁ ଗଡ଼ିଲା ପ୍ରଚାର ରଥ



ସଚେତନତା ପ୍ରଚାର ରଥକୁ ଉପଜିଲାପାଳ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

କୋରାପୁଟ,୭।୧୨(ସ୍ୱ.ପ୍ର.)

କୋରାପୁଟ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଶନିବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ଚାଷୀ ସଚେତନତା ପ୍ରଚାର ରଥର ଶୁଭାରମ୍ଭ ହୋଇଛି। ଉପଜିଲାପାଳ ଲଳିତ କହଁର ମୁଖ୍ୟ ଅତିଥି ଭାବେ ସବୁଜ ପତକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ କୋରାପୁଟ ନିୟନ୍ତ୍ରିତ ବଜାର କମିଟିର ସଂପାଦକ ତଥା ସହକାରୀ ଜିଲାପାଳ ଆଲୋକ କୁମାର ଅନୁଗୁଳିଆ ଉପସ୍ଥିତ ଥିଲେ। ଉଦ୍‌ଘାଟିତ ରଥ ସପ୍ତାହବ୍ୟାପୀ ଜିଲାର କୋରାପୁଟ ଉପଖଣ୍ଡର ସଦର, ସେମିଳିଗୁଡ଼ା, ପଟାଙ୍ଗି, ନନ୍ଦପୁର, ଲମତାପୁଟ, ଲକ୍ଷ୍ମୀପୁର, ଦଶମନ୍ତପୁର, ନାରାୟଣପାଟଣା, ବନ୍ଧୁଗାଁ ଭଳି ୯ଟି ବ୍ଲକ ଅଞ୍ଚଳରେ ବୁଲି ସଚେତନ କରିବ। ଚାଷୀଙ୍କ ଧାନ ସଂଗ୍ରହ କରି ବିକ୍ରି ପାଇଁ ମଣ୍ଡିରେ ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟ ପାଇବା ନେଇ ଚାଷୀଙ୍କ ଭିତରେ ସଚେତନତା ଆଣିବ ରଥ। ଉଲ୍ଲେଖଯୋଗ୍ୟ, ଚଳିତ ଖରିଫ ଋତୁରେ ଅମଳ ହୋଇଥିବା ଧାନ କିଣିବା ପାଇଁ ଜିଲା ପ୍ରଶାସନ କୋରାପୁଟ ଉପଖଣ୍ଡର ୯ଟି ବ୍ଲକରେ ୨୬ଟି ମଣ୍ଡି କରିଛି।

■ ମିସ୍, ମିସେସ୍ କଳିଙ୍ଗ ସୁନ୍ଦରୀ ପ୍ରତିଯୋଗିତା

## ଜୟପୁର ଅଡିଶନ୍‌ରୁ ୬ ମନୋନୀତ



ଜୟପୁରରେ ଚାଲିଥିବା ଅଡିଶନ।

ଜୟପୁର,୭।୧୨(ଡି.ଏନ୍.ଏ.)

ରାଜ୍ୟସ୍ତରୀୟ ମିସ୍ ଓ ମିସେସ୍ କଳିଙ୍ଗ ସୁନ୍ଦରୀ ପ୍ରତିଯୋଗିତା ପାଇଁ କୋରାପୁଟ ଜିଲା ଜୟପୁରରେ ପ୍ରଥମଥର ପାଇଁ ଅନୁଷ୍ଠିତ ଅଡିସନରେ ୬ ଜଣ ମନୋନୀତ ହୋଇଛନ୍ତି। ଭୁବନେଶ୍ୱରରେ ହେବାକୁ ଥିବା ମେଗା ପ୍ରତିଯୋଗିତାରେ ଏମାନେ ଭାଗନେବେ। ସେମାନେ ହେଲେ ଅଙ୍କିତା ସାମନ୍ତରାୟ, ଅଙ୍କିତା ମହାପାତ୍ର, ନିୟାଂଶୀ ଦେବୀ, ପରମିତା ବରୁଆ, ସ୍ନିଗ୍ଧା ଦାଶ, ମମତା ସ୍ୱାଇଁ । ଭୁବନେଶ୍ୱରସ୍ଥିତ ଏକ ଘରୋଇ ସଂସ୍ଥା ଅମ୍ବିକା ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ଅଡିସନରେ ୧୦ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଂଗୀତଜ୍ଞ ତଥା ସୁର ଘୁଙ୍ଗୁରର ମୁଖ୍ୟ ଧୀରେନ ମୋହନ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବିଚାରକ ଭାବେ ସନ୍ଧ୍ୟା ପଟ୍ଟନାୟକ, ଅମ୍ବିକା ମହାରଣା, ଦେବେନ୍ଦ୍ର ଅଧିକାରୀ, ସୁବ୍ରତ ନାୟକ ରହିଥିଲେ। କାର୍ଯ୍ୟକ୍ରମର ହୋଷ୍ଟ ଭାବେ ମିସ୍ ନିବେଦିତା ଏବଂ ପରିଚାଳନାରେ ଡ. ଶିବନାରାୟଣ ପାତ୍ର, କେ. ଈଶ୍ୱର, ପଞ୍ଚାନନ ପାତ୍ର ସହଯୋଗ କରିଥିଲେ।

## ଛାତ୍ରୀ ଗର୍ଭବତୀ ମାମଲା ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

ଜୟପୁର,୭।୧୨(ଡି.ଏନ୍.ଏ.)

ଜୟପୁର ବ୍ଲକ ଫାମ୍ପୁଣି ସେବାଶ୍ରମର ୭ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ମାମଲାରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ରଥଙ୍କୁ ଜିଲାପାଳ ମଧୁସୂଦନ ମିଶ୍ର ଶନିବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ରାଜେନ୍ଦ୍ର ରଥ ପୀଡ଼ିତା ଛାତ୍ରୀଙ୍କୁ ବାରମ୍ବାର ବଳାତ୍କାର କରିବା ସହ କଥା ପ୍ରଘଟ କଲେ ହତ୍ୟା ଧମକ ଦେଇଥିଲେ। ଏହି ମାମଲାରେ ପୋଲିସ ଶୁକ୍ରବାର ତାଙ୍କୁ ଗିରଫ କରିଥିଲା। ଗତ ଗୁରୁବାର ଛାତ୍ରୀଙ୍କୁ ବିଦ୍ୟାଳୟ ହଷ୍ଟେଲରୁ ଉଦ୍ଧାର କରାଯାଇ ଜିଲା ଚିକିତ୍ସାଳୟରେ ଅଧିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଛାତ୍ରୀଙ୍କୁ କୋର୍ଟରେ ହାଜର କରିବା ପରେ ସିଡବ୍ଲୁସିର ନିର୍ଦ୍ଦେଶକ୍ରମେ ଜୟପୁରସ୍ଥିତ ଏକ ଶିଶୁ ଭବନରେ ରଖାଯାଇଛି।

## ୪୫୦ କେଜି ଗଞ୍ଜେଇ ଜବତ

■ଜୟପୁରର ରାଜନୈତିକ ବ୍ୟକ୍ତିଙ୍କ ଗାଡ଼ି ଜବତ

କୋରାପୁଟ,୭।୧୨(ସ୍ୱ.ପ୍ର)

କୋରାପୁଟ ଜିଲା ଲମତାପୁଟ ବ୍ଲକ ମାଛକୁଣ୍ଡ ଥାନା ଅଞ୍ଚଳରେ ବେଆଇନ ଚାଲାଣ କରାଯାଉଥିବା ବେଳେ ଶନିବାର ଅପରାହ୍ନରେ ଗାଡ଼ି ସହ ୪ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ମାଛକୁଣ୍ଡ ପୋଲିସ ଓ ଲମତାପୁଟ ତହସିଲଦାର ସ୍ନେହପ୍ରଭା ମାଝିଙ୍କ ଉପସ୍ଥିତିରେ ଏହି ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇ ଗାଡ଼ି ଜୟପୁର ଅଞ୍ଚଳର ଜଣାଶୁଣା ରାଜନୈତିକ ବ୍ୟକ୍ତିବିଶେଷଙ୍କର ବୋଲି ଜଣାପଡ଼ିଛି। ଏହି ଗଞ୍ଜେଇ ଚାଲାଣ ବେଳେ ସଂପୃକ୍ତ ରାଜନୈତିକ ବ୍ୟକ୍ତି ଜଣକ ଗାଡ଼ିରେ ରହିଥିବାବେଳେ ତାଙ୍କୁ ପୋଲିସ ଛାଡ଼ିଦେଲା ନା ସେ ଘଟଣାସ୍ଥଳରୁ ଖସିଗଲେ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ସେନା ଆର୍ମଡ୍ ଫ୍ଲାଗ ଡେ ପାଳିତ



ଅତିରିକ୍ତ ଜିଲାପାଳଙ୍କୁ ଫ୍ଲାଗ୍ ପିନ୍ଧାଉଛନ୍ତି ଅବସରପ୍ରାପ୍ତ ସେନା କର୍ମଚାରୀ।

କୋରାପୁଟ,୭।୧୨(ସ୍ୱ.ପ୍ର.)

ଅବସରପ୍ରାପ୍ତ ସେନା ପକ୍ଷରୁ ଶନିବାର ଆର୍ମଡ୍ ଫ୍ଲାଗ୍ ଡେ ପାଳିତ ହୋଇଛି। କୋରାପୁଟସ୍ଥିତ ଅବସରପ୍ରାପ୍ତ ସୈନିକ ବୋର୍ଡ ସଭାପତି କ୍ୟାପ୍ଟେନ ପ୍ରଦୀପ ପାତ୍ରଙ୍କ ନେତୃତ୍ୱରେ ଭବାନି ଶଙ୍କର ମିଶ୍ରଙ୍କ ସମେତ ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ସହରର ପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ସେମାନଙ୍କୁ ଫ୍ଲାଗ ପିନ୍ଧାଇଥିଲେ। କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଏଏସ୍‌ପି ଉତ୍କଳ ରଞ୍ଜନ ଦାସ, ସହକାରୀ ଜିଲାପାଳ ଆଲୋକ ଅନୁଗୁଳିଆଙ୍କ ସମେତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ତଥା ଅନ୍ୟ କାର୍ଯ୍ୟାଳୟର ପଦସ୍ଥ ଅଧିକାରୀଙ୍କୁ ଫ୍ଲାଗ୍ ପିନ୍ଧାଯାଇଥିଲା। ଏହାସହ ସେମାନଙ୍କଠାରୁ ପାଣ୍ଠି ସଂଗ୍ରହ କରାଯାଇଥିଲା। ଏହି ସଂଗୃହୀତ ଅର୍ଥ ରାଜ୍ୟ ସୈନିକ ବୋର୍ଡକୁ ପଠାଯିବ ଯାହା ସୈନିକଙ୍କ କଲ୍ୟାଣ ତଥା ସେବାରେ ଲାଗିବ।

## ଉଡାନ-୪ରେ ସାମିଲ ହେଲା ଜୟପୁର

■ ୫୫ କୋଟିର ଟେଣ୍ଡର ଶେଷ: ରନୱେର ଲମ୍ବ, ଓସାର ବଢ଼ିବ

ଜୟପୁର,୭।୧୨(ନି.ପ୍ର.)

ଉଡାନ-୪ ସ୍କିମରେ ସାମିଲ ହେବ ଜୟପୁର ବିମାନଘାଟି । ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ସହ କେନ୍ଦ୍ର ବେସାମରିକ ଚଳାଚଳ ସଚିବ ପ୍ରଦୀପ ସିଂ ଖୋସଲାଙ୍କ ମଧ୍ୟରେ ହୋଇଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଜୟପୁର ସମେତ ସୁନ୍ଦରଗଡ ଜିଲାର ରାଉରକେଲା, କଳାହାଣ୍ଡିର ଉତ୍‌କେଲା ମଧ୍ୟ ସାମିଲ ରହିଛି। ଜୟପୁରୁ ଏୟାରଷ୍ଟ୍ରିପ୍‌ରୁ ଖୁବ୍ ଶୀଘ୍ର ବିମାନ ଉଡ଼ିବା ଆଶା ସଂଚାର ହୋଇଛି। ଏହାପରେ ଜୟପୁର ବିମାନଘାଟିର ଭିତ୍ତଭୂମି ବିକାଶ ନେଇ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ବର୍ତ୍ତମାନ ବିମାନଘାଟିର ରନୱେ ୯୧୫ ମିଟର ଲମ୍ବା ଏବଂ ୨୩ ମିଟର ଚଉଡ଼ା କରାଯାଇଛି । ଏହି ରନୱେରେ ଛୋଟ ବିମାନ ଚାଲିବ । କିନ୍ତୁ ରାଜ୍ୟ ସରକାର ଜୟପୁର ବିମାନ ଘାଟିରେ ଟି-୭୨ ସିଟ୍ ବିମାନ ଉଡ଼ାଣ ପାଇଁ ବ୍ୟବସ୍ଥା କରିଛନ୍ତି। ରନୱେ ସମ୍ପ୍ରସାରଣ କରିବା ଓ ଭିତ୍ତିଭୂମି ବିକାଶ ପାଇଁ ୫୫ କୋଟି ଟଙ୍କା ମଞ୍ଜୁର ହୋଇଛି। ରନୱେ ସମ୍ପ୍ରସାରଣ, ପାଚେରି, ଚାରିପାଖ ରାସ୍ତା, ଟର୍ମିନାଲ, ୱାର୍କଶପ, ଅଫିସ ରୁମ, ଷ୍ଟାଫ୍ କ୍ୱାର୍ଟର, ସିକ୍ୟୁରିଟି ରୁମ୍ କାର୍ଯ୍ୟ କରାଯିବ। ୯ ଶହ ମିଟର ପାଚେରି କାମ ସରିଥିବା ବେଳେ ୧୨ ଶହ ମିଟର ରନୱେ ପାଇଁ କାମ କରାଯିବ। ଜାତୀୟ ରାଜପଥ ୨୬ରୁ ଏୟାରଷ୍ଟ୍ରିପ ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତାର ମଧ୍ୟ ବିକାଶ କରାଯିବ। ୧ କିମି ବିଶିଷ୍ଟ ରାସ୍ତାର ଉନ୍ନତି ପାଇଁ ୩.୨ ଏକର ଘରୋଇ ଜମିକୁ ଅଧିଗ୍ରହଣ କରାଯିବ। ଏନେଇ ଏସ୍ଆଇଏ ୟୁନିଟ ସର୍ଭେ କରି ଫେରିଛନ୍ତି । ଏହି ରାସ୍ତା ଡବଲ ଲାଇନ ହେବ ବୋଲି ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାସ୍କର ଚନ୍ଦ୍ର ସାମନ୍ତରାୟ କହିଛନ୍ତି । ଆଞ୍ଚଳିକ ଏୟାର କନେକ୍ଟିଭିଟି କାଉନସିଲ ବୈଠକରେ ମୁଖ୍ୟ ଶାସନ ସଚିବ ଝାରସୁଗୁଡ଼ା ଏୟାରପୋର୍ଟ ପରେ ଜୟପୁରକୁ ଗୁରୁତ୍ୱ ଦିଆଯାଉଥିବା ସୂଚନା ଦେଇଥିଲେ। ଏହା ସହ ଅତିରିକ୍ତ ୫୫ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ନେଇ ସେ କହିଥିଲେ। ଜୟପୁର ବିମାନଘାଟିରୁ ଭୁବନେଶ୍ୱରକୁ ନିତିଦିନିଆ ବ୍ୟବସାୟିକ ଉଡ଼ାଣ ପାଇଁ ଯେଉଁ ଦ୍ୱନ୍ଦ୍ୱ ରହିଥିଲା, କେନ୍ଦ୍ର ସରକାରଙ୍କ 'ଉଡ଼ାଣ- ୪'ରେ ଜୟପୁର ସାମିଲ ହେବା ପରେ ସେହି ଆଶା ଏବେ ଉଜ୍ଜ୍ୱଳ ହୋଇଛି ।



ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ପରିବାରର ସମସ୍ତ ସଦସ୍ୟଙ୍କୁ ଧରିତ୍ରୀ ସ୍ୱନକ୍ଷତ୍ର ପାଳନ ଅବସରରେ ଆନ୍ତରିକ ଶୁଭେଚ୍ଛା।

## ଗତିକୃଷ୍ଣ ନନ୍ଦ

ବାଲେଶ୍ୱର ଜିଲ୍ଲା ବିଜେଡି ଉପସଭାପତି

ଧରିତ୍ରୀର ୪୬ତମ ଜନ୍ମ ଦିନପାଳନ ଅବସରରେ ନୀଳଗିରି ପୂର୍ତ୍ତ ବିଭାଗ (ଗୃହ ଓ ରାସ୍ତା) ଉପଖଣ୍ଡର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।

## ଇଂ ପ୍ରଫୁଲ୍ଲ କୁମାର ଦାସ

ସହକାରୀ ନିର୍ବାହୀ ଯନ୍ତ୍ରୀ
ନୀଳଗିରି



ରାଜ୍ୟରେ ନିର୍ଭୀକ, ନିରପେକ୍ଷ ଖବର ପ୍ରସାରିତ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବହୁତ ବହୁତ ଅଭିନନ୍ଦନ। ବିକଶିତ ଧାମନଗରବାସୀଙ୍କୁ ଶୁଭକାମନା।



## ପ୍ରଦୀପ କୁମାର ମଲ୍ଲିକ

ରାଜ୍ୟ ପରିଷଦ ସଦସ୍ୟ
ବିଜୁ ଜନତା ଦଳ, ଧାମନଗର

‘ଧରିତ୍ରୀ’ର ୪୬ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଧୂଷୁରୀ ଗ୍ରାମ ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଧୂଷୁରୀ ଗ୍ରାମପଞ୍ଚାୟତ ବିକାଶ ପାଇଁ ପ୍ରତିଜ୍ଞା।



## ଜ୍ୟୋତ୍ସ୍ନାରାଣୀ ପ୍ରଧାନ

ସରପଞ୍ଚ, ଧୂଷୁରୀ ଗ୍ରାମପଞ୍ଚାୟତ
ଧାମନଗର ବ୍ଲକ, ଜି-ଭଦ୍ରକ

ନୀଳଗିରି ନିର୍ବାଚନ ମଣ୍ଡଳୀର ସମସ୍ତ ଭଉଣୀ ଓ ଭାଇମାନଙ୍କୁ ଧରିତ୍ରୀ ଜନ୍ମଦିନ ପାଳନ ଅବସରରେ ଶୁଭ କାମନା କରୁଛି।



## ରବିନ୍ଦ୍ର କୁମାର ପରିଡା

ବରିଷ୍ଠ ବିଜେଡି ନେତା
ନୀଳଗିରି

ଧରିତ୍ରୀର ଜନ୍ମଦିବସ ପାଳନ ଅବସରରେ ନିର୍ଭିକ ଖବରକାଗଜର ଉନ୍ନତି କାମନା କରୁଛି। ନୀଳଗିରି ନିର୍ବାଚନ ମଣ୍ଡଳୀର ଅଗଣିତ ଭଉଣୀ ଓ ଭାଇମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।



## ଚିତ୍ତରଞ୍ଜନ ଷଡଙ୍ଗୀ

ପୂର୍ବତନ ବିଧାୟକ ତଥା
ବରିଷ୍ଠ କଂଗ୍ରେସ ନେତା, ନୀଳଗିରି




ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ପାଳନ ଅବସରରେ ଅଗଣିତ ପାଠିକା ଓ ପାଠକଙ୍କୁ ମୋର ଶୁଭେଚ୍ଛା।



## ଧର୍ମବ୍ରତ ମିଶ୍ର

ନୀଳଗିରି

## ଓଜନ କମାନ୍ତୁ, ସୁସ୍ଥ ରୁହନ୍ତୁ



## ସାଇ ହେଲ୍‌ଥ ପଏଣ୍ଟ

କୋଠି, ଏରସମା, ପ୍ରୋ-ଶିବାନୀ ପାଣି
ମୋ- 8144381321

ନୀଳଗିରି ପୂର୍ତ୍ତ ବିଭାଗ (ଗୃହ ଓ ରାସ୍ତା) ଉପଖଣ୍ଡର ଜନସାଧାରଣଙ୍କୁ ଧରିତ୍ରୀ ସ୍ୱନକ୍ଷତ୍ର ପାଳନ ଅବସରରେ ଅଭିନନ୍ଦନ।



## ଇଂ ନବଘନ ମାର୍ଣ୍ଡି

ସହକାରୀ ଯନ୍ତ୍ରୀ, ନୀଳଗିରି

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ଓଡ଼ିଶାର ଅଗଣିତ ପାଠିକା ଓ ପାଠକଙ୍କୁ ଶୁଭେଚ୍ଛା।



## ପ୍ରଦୀପ୍ତ ପଣ୍ଡା

ପୂର୍ବତନ ବିଧାୟକ, ନୀଳଗିରି

**ଧରିତ୍ରୀର ସ୍ୱନକ୍ଷତ୍ର ପାଳନ ଅବସରରେ ନୀଳଗିରିର ଅଗଣିତ ଜନସାଧାରଣଙ୍କୁ ମନଖୋଲା ଶୁଭେଚ୍ଛା।**

## ଅଜିତ କୁମାର ପାଢୀ

ନୀଳଗିରି







ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଅବସରରେ ଆଶ୍ୱସନା ପରିବାର ପକ୍ଷରୁ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ।

## ଆଶ୍ୱସନା ପରିବାର

ଗୁରୁଜଙ୍ଗ, ଖୋର୍ଦ୍ଧା




## ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ

**ପ୍ରାଣନାଥ ମହାବିଦ୍ୟାଳୟ ମାର୍ଗ, ଖୋର୍ଦ୍ଧା**

ସଂସ୍ଥା ତାହାର ନିଜସ୍ୱ ଖର୍ଚ୍ଚରେ ନିଶା, ଅନ୍ଧବିଶ୍ୱାସ ଓ ଗୁଣିଗାରେଡି ବିରୋଧରେ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। ବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ, ଯୁବ ସଂଘ ଓ ଗ୍ରାମ୍ୟ କମିଟି **୯୩୩୭୬୨୧୪୫୫ନଂ** ମୋବାଇଲରେ ଯୋଗାଯୋଗ କରିବାକୁ ଅନୁରୋଧ।




ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଅବସରରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ସହ ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରୁଛି।



## କାଳୁ ଚରଣ ଖଣ୍ଡେଇତରାୟ

ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଖୋର୍ଦ୍ଧା

ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଅବସରରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭ କାମନା ଓ ଶୁଭେଚ୍ଛା। ଭଗବାନ ସଭିଙ୍କୁ ଖୁସି ଓ ଶାନ୍ତିରେ ରଖନ୍ତୁ।



## ଜ୍ୟୋତିରିନ୍ଦ୍ର ନାଥ ମିତ୍ର (ଜିତୁ)

ବିଧାୟକ, ଖୋର୍ଦ୍ଧା

